ISSN-0971-8346

# ଯୋଜନା

ଅକ୍ଟୋବର ୨୦୧୫ | ବିକାଶମୂଳକ ମାସିକ ପତ୍ରିକା | ₹ ୨୦/-

ବିଶେଷାଙ୍କ

## କୌଶଳ ବିକାଶର ନୂତନ ଦିଗନ୍ତ

ଭାରତରେ ଦକ୍ଷତା କ୍ଷେତ୍ରର ପୁନଃସଂଜ୍ଞାନିର୍ଦ୍ଧାରଣ
ଦିଲ୍ଲୀପ ଚେନୋଇ

ଅବହେଳିତ ବର୍ଗର ନିଯୁକ୍ତି ସୁଯୋଗ ବୃଦ୍ଧି କରିବା ଦିଗରେ ପଦକ୍ଷେପ
ସୁନୀତା ସାଂଘି

ମହିଳାଙ୍କ ଦକ୍ଷତାର ବିକାଶ ଓ ବିଭିନ୍ନ ପଦକ୍ଷେପ ସମୂହ
ଦେବ ନାଥନ

ସ୍ୱତନ୍ତ୍ର ପ୍ରବନ୍ଧ
ଆମ ଐତିହ୍ୟର ସଂରକ୍ଷଣ : ହସ୍ତତନ୍ତର ସୁରକ୍ଷା ଓ ପ୍ରୋତ୍ସାହନ
ମୋନିକା ଏସ. ଗର୍ଗ

ଫୋକସ୍
ହସ୍ତ କଳା ଓ ଶିକ୍ଷା



# ବିକାଶର ଅଭିମୁଖ୍ୟ

## ଶିକ୍ଷାଭିତ୍ତିକ ଋଣ ସକାଶେ ସୂଚନା ସମ୍ପର୍କିତ ଆବେଦନ ସମ୍ପର୍କରେ ଜାଣିବା ପାଇଁ ସିଙ୍ଗଲଓ୍ୱିଣ୍ଡୋ ବ୍ୟବସ୍ଥା

ଶିକ୍ଷାଭିତ୍ତିକ ଋଣ ପାଇବା ନିମନ୍ତେ ଆଶାୟୀ ଛାତ୍ରଛାତ୍ରୀଙ୍କ ସକାଶେ ଗତ ଅଗଷ୍ଟ ୧୫, ୨୦୧୫ରେ ଆରମ୍ଭ କରାଯାଇଥିଲା ଏକ ଓ୍ୱେବଭିତ୍ତିକ ପୋର୍ଟାଲ ବିଦ୍ୟାଲକ୍ଷ୍ମୀ (ଙଙଙ.ଝସଯଚବକ୍ଷବଳଗ୍ଦକ୍ଷଜ୍ଞସ.ମକ୍ଟ.ସଭ) ।

ଉପଯୁକ୍ତ ଅର୍ଥ ଅଭାବରୁ ଯେପରି କୌଣସି ଛାତ୍ରଛାତ୍ରୀ ଉଚ୍ଚଶିକ୍ଷାରୁ ବଞ୍ଚିତ ହୋଇପାରିବେ ନାହିଁ ସେଥିପାଇଁ ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ରବଜେଟ ୨୦୧୫-୧୬ରେ ଏକ ନୂଆ ବ୍ୟବସ୍ଥା କରାଯାଇଥିଲା । ଏହା ଥିଲା ପ୍ରଧାନମନ୍ତ୍ରୀ ବିଦ୍ୟା ଲକ୍ଷ୍ମୀ କାର୍ଯ୍ୟକ୍ରମ ଜରିଆରେ ଶିକ୍ଷାଭିତ୍ତିକ ଋଣ ଯୋଜନା ଓ ମେଧାବୃତ୍ତି କାର୍ଯ୍ୟକ୍ରମ୍ର ପର୍ଯ୍ୟବେକ୍ଷଣ କରିବା ସକାଶେ ଏକ ଆଇଟିଭିତ୍ତିକ ଛାତ୍ରଛାତ୍ରୀଙ୍କୁ ଆର୍ଥିକ ସହାୟତା କର୍ତ୍ତୃପକ୍ଷ ଗଠନ କରାଯାଇଥିଲା । ଏହି ଆଭିମୁଖ୍ୟ ହାସଲ କରିବା କ୍ଷେତ୍ରରେ ଉପରୋକ୍ତ ବ୍ୟବସ୍ଥା ମାର୍ଗ ଉନ୍ମୋଚିତ କରିଥାଏ । ବିଦ୍ୟାଲକ୍ଷ୍ମୀ ପୋର୍ଟାଲ ହେଉଛି ଏହି ଧରଣର କାର୍ଯ୍ୟକ୍ରମ କ୍ଷେତ୍ରରେ ପ୍ରଥମ ଏବଂ ଶିକ୍ଷାଋଣ ତଥା ସରକାରୀ ଶିକ୍ଷା ଋଣ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ସିଙ୍ଗଲଓ୍ୱିଣ୍ଡୋ ଭିତ୍ତିରେ ସମସ୍ତ ତଥ୍ୟ ପ୍ରାପ୍ତ ହେବାରେ ସହାୟକ ହୋଇଥାଏ । ଏହି ପୋର୍ଟାଲରେ ରହିଥିବା ବିଭିନ୍ନ ସୁବିଧାଗୁଡ଼ିକ ହେଲା :

• ବ୍ୟାଙ୍କଗୁଡ଼ିକର ବିଭିନ୍ନ ଶିକ୍ଷାଗତ ଋଣ ସମ୍ପର୍କରେ ସୂଚନା ପାଇବା • ଛାତ୍ରଛାତ୍ରୀଙ୍କ ଠାରୁ ସାଧାରଣ ଶିକ୍ଷା ଋଣ ସମ୍ପର୍କରେ ଆବେଦନ ପତ୍ର ପ୍ରାପ୍ତ ହେବା • ଶିକ୍ଷାଭିତ୍ତିକ ଋଣ ସକାଶେ ବିଭିନ୍ନ ବ୍ୟାଙ୍କ ନିକଟରେ ଆବେଦନ କରିବା • ବିଭିନ୍ନ ପ୍ରତିଷ୍ଠାନରୁ ଶିକ୍ଷାଋଣ ସମ୍ପର୍କରେ ଆବେଦନ ପତ୍ର ଡାଉନଲୋଡ କରିବା • ଋଣର ପ୍ରକ୍ରିୟାକରଣ ଅବସ୍ଥାକୁ ବ୍ୟାଙ୍କଗୁଡ଼ିକ ପକ୍ଷରୁ ଅପଲୋଡ କରିବା • ଶିକ୍ଷା ପ୍ରତିଷ୍ଠାନ ନିକଟକୁ ଛାତ୍ରଛାତ୍ରୀ ଯେପରି ନିଜର ଅଭିଯୋଗକୁ ଇମେଲ କରିପାରିବେ ସେହି ବ୍ୟବସ୍ଥା ଉପଲବ୍ଧ ହେବା • ବ୍ୟାଙ୍କଗୁଡ଼ିକୁ ଋଣ ଯୋଗାଇବା • ନିଜର ଋଣ ସଂକ୍ରାନ୍ତ ଆବେଦନ ପତ୍ରର ସ୍ଥିତି ଜାଣିବା ସକାଶେ ଡ୍ୟାସବୋର୍ଡ ସୁବିଧାପ୍ରଦାନ •ବିଭିନ୍ନ ସୂଚନା ଓ ଆବେଦନ ପାଇଁ ଜାତୀୟ ମେଧାବୃତ୍ତି ପୋର୍ଟାଲ ସହ ସଂଯୋଗ ଏବଂ • ସରକାରୀ ମେଧାବୃତ୍ତି ।

ବର୍ତ୍ତମାନ ସୁଦ୍ଧା ବିଦ୍ୟାଲକ୍ଷ୍ମୀ ପୋର୍ଟାଲରେ ୧୩ଟି ବ୍ୟାଙ୍କ ୨୨ଟି ଶିକ୍ଷାଭିତ୍ତିକ ଋଣ ଯୋଜନାକୁ ପଞ୍ଜିକୃତ କରିଛନ୍ତି ଏବଂ ଏସବିଆଇ, ଆଇଡିବିଆଇ ବ୍ୟାଙ୍କ, ବ୍ୟାଙ୍କ ଅଫ ଇଣ୍ଡିଆ, କାନରା ବ୍ୟାଙ୍କ, ୟୁନିଅନ ବ୍ୟାଙ୍କ ଅଫ ଇଣ୍ଡିଆ ନିଜର ବ୍ୟବସ୍ଥାକୁ ଏହି ପୋର୍ଟାଲରେ ସ୍ଥାନୀତ କରିଛନ୍ତି । ସମସ୍ତ ବ୍ୟାଙ୍କ ଯେପରି ଶିକ୍ଷା ଋଣ ଦେଇପାରିବେ ସେଥିପାଇଁ ଦୃଷ୍ଟି ଦିଆଯାଉଛି । ସେହିପରି ସିଙ୍ଗଲ ଓ୍ୱିଣ୍ଡୋ ବ୍ୟବସ୍ଥାରେ ଯେପରି ସମସ୍ତ ବ୍ୟାଙ୍କ ଶିକ୍ଷା ଋଣ ଯୋଗାଇପାରିବେ ସେଥିପ୍ରତି ଦୃଷ୍ଟି ଦିଆଯାଉଛି ।

### ହସ୍ତତନ୍ତ ସାମଗ୍ରୀର ଇ-ମାର୍କେଟିଂ

ସାଧାରଣ ଭାବେ ଯେପରି ବଜାରେ ହସ୍ତତନ୍ତ ସାମଗ୍ରୀ ଉପଲବ୍ଧ ହୋଇପାରିବ ଏବଂ ଯୁବପିଢ଼ି ନିକଟରେ ଏହି ସମଗ୍ରୀ ସହଜର ଆଦୃତ ହେବ ସେଥିପାଇଁ ଭାରତ ସରକାର ନୀତିଗତ ଫ୍ରେମଓ୍ୱାର୍କ ଗଠନ କରିଛନ୍ତି ।

ଏହି ନୀତିଗତ ଫ୍ରେମଓ୍ୱର୍କରେ ବିକାଶ ଆୟୁକ୍ତ(ହସ୍ତତନ୍ତ) ବିଭିନ୍ନ ସ୍ୱୀକୃତିପ୍ରାପ୍ତ ଇ-କମର୍ସ ପ୍ରତିଷ୍ଠାନକୁ ମଞ୍ଜୁରି ଦେଇଛନ୍ତି ଯାହାକି ହସ୍ତତନ୍ତ ସାମଗ୍ରୀଗୁଡ଼ିକର ମାର୍କେଟିଂକୁ ସ୍ୱଚ୍ଛ, ପ୍ରତିଯୋଗିତାମୂଳକ, ପ୍ରଭାବଶୀଳ ଭାବେ କରାଯାଇପାରିବ । କୌଣସି ଇ-କମର୍ସ ସଂସ୍ଥା ହସ୍ତତନ୍ତ ସାମଗ୍ରୀର ଅନଲାଇନ ମାର୍କେଟିଂ କରିବାକୁ ଯଦି ଇଚ୍ଛୁକ ତେବେ ସେ ଏହି କାର୍ଯ୍ୟାଳୟ ସହ ଯୋଗାଯୋଗ କରି ବିକାଶ ଆୟୁକ୍ତ (ହସ୍ତତନ୍ତ)ଙ୍କ ନିକଟରେ ଆବେଦନ କରିବେ । ଆବେଦନକାରୀଙ୍କ ବିଶ୍ୱସନୀୟତା ଓ ଅତୀତ ରେକର୍ଡକୁ ଅନୁଧ୍ୟାନ କରି ବିକାଶ ଆୟୁକ୍ତ ନିଯୁକ୍ତ କରିଥିବା କମିଟି ଜରିଆରେ ସୁପାରିଶ ପ୍ରଦାନ କରାଯିବ । ଇ-ମାର୍କେଟିଂ ଜରିଆର ଅନ୍ତର୍ଭୁକ୍ତ ହେବାକୁ ଥିବା ସ୍ଥାନ ସମ୍ପର୍କରେ ଅନୁଧ୍ୟାନ କରାଯିବା ସହ ବିଭିନ୍ନ ଯୋଜନାର ବାସ୍ତବତାକୁ ବିଚାର କରାଯିବ । ମାତ୍ର ତିନି ସପ୍ତାହ ମଧ୍ୟରେ ଏହି ଆବେଦନପତ୍ରଗୁଡ଼ିକର ଯାଞ୍ଚ ପ୍ରକ୍ରିୟା ଶେଷ ହେବ । ଥରେ ମଞ୍ଜୁରି ମିଳିଲେ ନିଜର ହୋମପେଜରେ ଆବେଦନକାରୀ ନିଜର ହସ୍ତତନ୍ତ ସାମଗ୍ରୀକୁ ପ୍ରଦର୍ଶିତ କରିବେ । ଇଣ୍ଡିଆ ହ୍ୟାଣ୍ଡଲୁମ ବ୍ରାଣ୍ଡ ବା ହ୍ୟାଣ୍ଡଲୁମ ମାର୍କ ଥିବା ହସ୍ତତନ୍ତ ସାମଗ୍ରୀଗୁଡ଼ିକର ସାର୍ଟିଫିକେସନ ସକାଶେ ବ୍ୟବସ୍ଥା କରାଯିବ । ନିମ୍ନରେ ପ୍ରଦତ୍ତ ବ୍ୟବସ୍ଥା ଅନୁସାରେ ବିକାଶ ଆୟୁକ୍ତ (ହସ୍ତତନ୍ତ) ହସ୍ତତନ୍ତ ସାମଗ୍ରୀର ମାର୍କେଟିଂ ସକାଶେ ପଦକ୍ଷେପ ନେବେ ।

• ବିକାଶ ଆୟୁକ୍ତ (ହସ୍ତତନ୍ତ)ଙ୍କ ଓ୍ୱେବପୋର୍ଟାଲରେ ଇ-କମର୍ସ ସୁବିଧା ପାଇବାକୁ ଯାଉଥିବା ସଂସ୍ଥାର ନାମ ଓ ସବିଶେଷ ବିବରଣୀ ପ୍ରଦର୍ଶିତ ହେବ ଏବଂ ଏହାକୁ ରାଜ୍ୟ ସରକାର ଓ ବୁଣାକାର ସେବାକେନ୍ଦ୍ରଗୁଡ଼ିକୁ ଅବଗତ କରାଯିବ • ବୁଣାକାର ସେବା କେନ୍ଦ୍ର ଓ ପ୍ରମୁଖ ହସ୍ତତନ୍ତ କ୍ଲଷ୍ଟର ଜରିଆରେ ହସ୍ତତନ୍ତ ବୁଣାକାର/ଉତ୍ପାଦକମାନଙ୍କ ସକାଶେ ଉପଲବ୍ଧ ବିଭିନ୍ନ ଇ-କମର୍ସ ସୁବିଧା ହାସଲ କରିବା ପାଇଁ ବିଭିନ୍ନ ଆବଶ୍ୟକତା ଭିତ୍ତିକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ହାତକୁ ନିଆଯିବ • ବିକାଶ ଆୟୁକ୍ତ (ହସ୍ତତନ୍ତ)ଙ୍କ ଓ୍ୱେବସାଇଟରେ ପାରମ୍ପରିକ ହସ୍ତତନ୍ତ ସାମଗ୍ରୀଗୁଡ଼ିକ ସମ୍ପର୍କରେ ବିଶଦ ବିବରଣୀ ଉପସ୍ଥାପନ ହେବ ଯାହାକି ଉପଭୋକ୍ତାଙ୍କ ସୂଚନା ସକାଶେ ଇ-କମର୍ସ ସେବା ଯୋଗାଣକାରୀଙ୍କ ଦ୍ୱାର ପ୍ରଡକ୍ଟ କାଟାଲଗରେ ଉପସ୍ଥାପନ କରାଯିବ • ଉପଲବ୍ଧତା ଓ କାର୍ଯ୍ୟାଳୟରେ ରହିଥିବା ସ୍ଥାନ ବି ବିଚାରକୁ ନିଆଯିବ । ବିଭିନ୍ନ ବୁଣାକାର ସେବା କେନ୍ଦ୍ରରେ ସ୍ୱୀକୃତିପ୍ରାପ୍ତ ଇ-କମର୍ସ ସେବାର ଉପଲବ୍ଧତା ନେଇ ଆଇଟି ଭିତ୍ତିଭୂମି ବ୍ୟବସ୍ଥା କରାଯିବ । ଇ-କମର୍ସ ବ୍ୟବସ୍ଥାରେ ବୁଣାକାର ଓ ବୁଣାକାର ଉଦ୍ୟୋଗପତିମାନଙ୍କୁ ସହାୟତା ପ୍ରଦାନ କରିବା ପାଇଁ ସାଧାରଣ ସହାୟକ କେନ୍ଦ୍ର ଓ ହସ୍ତତନ୍ତ କ୍ଲଷ୍ଟର ଗଠନ କରାଯିବ ।

ସ୍ୱୀକୃତିପ୍ରାପ୍ତ ଇ-କମର୍ସ ସଂସ୍ଥାଗୁଡ଼ିକର ସଫଳତା ଧାରାବାହିକତା ଭିତ୍ତିରେ ପର୍ଯ୍ୟବେକ୍ଷଣ କରାଯିବ । ସେମାନଙ୍କର ସଫଳତା ଉପରେ ନିର୍ଭର କରେ ସେମାନଙ୍କ ସମ୍ପ୍ରସାରଣ । ସମୟକୁ ସମୟ ନୀତିଗତ ଫ୍ରେମଓ୍ୱର୍କ ସମୀକ୍ଷା କରାଯିବ ଯାହାକି ଆବଶ୍ୟକତା ଓ ଅଭିଜ୍ଞତାଭିତ୍ତିରେ ନିର୍ଭର କରିଥାଏ । ହସ୍ତତନ୍ତ କ୍ଷେତ୍ରର ବିକାଶ ଉପରେ ଏହି ନୀତି ପର୍ଯ୍ୟବେସିତ ଏବଂ ଏହା ଉପରେ ଭାରତ ସରକାରଙ୍କ ହସ୍ତତନ୍ତ ବିକାଶ ଯୋଜନା ନିର୍ଭର କରିଥାଏ । ଜାତୀୟ ହସ୍ତତନ୍ତ ଦିବସ ଓ ଇଣ୍ଡିଆ ହ୍ୟାଣ୍ଡଲୁମ

# ମହାତ୍ମା ଗାନ୍ଧୀ ଗ୍ରନ୍ଥାବଳୀ ଇଲେକ୍‌ଟ୍ରୋନିକ୍ ମାଧମରେ ଉପଲବ୍ଧ



ମହାତ୍ମାଗାନ୍ଧୀଙ୍କ ୧୦୦ ଖଣ୍ଡ ବିଶିଷ୍ଟ, ୫୫ ହଜାର ପୃଷ୍ଠାରୁ ଅଧିକ ତଥ୍ୟ ସଂଗୃହୀତ ଗ୍ରନ୍ଥାବଳୀ ବା କଲେକ୍ଟେଡଓ୍ୱାର୍କ୍ସ ଅଫ୍ ମହାତ୍ମାଗାନ୍ଧୀ ବର୍ତ୍ତମାନ ଇଲେକ୍ଟ୍ରୋନିକ୍ ଭର୍ସନ ମାଧମରେ ଉପଲବ୍ଧ ହେଉଛି । ଏହାକୁ ବିଶ୍ୱର ଯେ କୌଣସି କୋଣରୁ ଜନସାଧାରଣ ସହଜରେ ଦେଖିପାରିବେ । ଏହି ଇ- ସିଡବ୍ଲ୍ୟୁଏମ୍‌ଜି ସଂସ୍କାରଣକୁ କେନ୍ଦ୍ର ସୂଚନା ଓ ପ୍ରସାରଣ, ଅର୍ଥ ଏବଂ କର୍ପୋରେଟ୍ ବ୍ୟାପାର ମନ୍ତ୍ରୀ ଶ୍ରୀ ଅରୁଣ ଜେଟ୍‌ଲୀ ଗତ ସେପ୍ଟେମ୍ବର ୮ତାରିଖ ଦିନ ଉଦ୍‌ଘାଟନ କରିଛନ୍ତି । ନୂଆଦିଲ୍ଲୀର ଗାନ୍ଧୀ ଶାନ୍ତି ଫାଉଣ୍ଡେସନଠାରେ ଆୟୋଜିତ ଏହି ଉତ୍ସବରେ ସୂଚନା ଓ ପ୍ରସାରଣ ରାଷ୍ଟ୍ରମନ୍ତ୍ରୀ କର୍ଣ୍ଣେଲ ରାଜ୍ୟବର୍ଦ୍ଧନ ରାଠୋର ଉପସ୍ଥିତଥିଲେ । ଏହି ଇ-ସଂସ୍କାରଣକୁ ଗାନ୍ଧୀ ହେରିଟେଜ୍ ପୋର୍ଟାଲ ସହ ସଂଯୁକ୍ତ କରାଯିବା ବ୍ୟବସ୍ଥା ମନ୍ତ୍ରୀ ଉଦ୍‌ଘାଟନ କରିଥିଲେ । ଗାନ୍ଧୀ ହେରିଟେଜ୍ ପୋର୍ଟାଲକୁ ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ସହାୟତାରେ ସାବରମତୀ ଆଶ୍ରମ ସଂରକ୍ଷଣ ଓ ସ୍ମାରକୀନ୍ୟାସ୍ ପରିଚାଳନା କରୁଛନ୍ତି ।

ଉତ୍ସବରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ଜେଟ୍‌ଲୀ କହିଲେ ଯେ, ମହାତ୍ମାଗାନ୍ଧୀଙ୍କ ସଂଗୃହୀତ ତଥ୍ୟାବଳିର ଡିଜିଟାଲ ସଂସ୍କାରଣ ଦେଶର ମୂଲ୍ୟବାନ ଐତିହକୁ ସଂରକ୍ଷିତ କରି ରଖିବାରେ ସହାୟକ ହେବା ସହ ସମଗ୍ର ମାନବ ଜାତି ପାଇଁ ଏହା ସୂଚନାପ୍ରଦ ହେବ । ମହାତ୍ମାଗାନ୍ଧୀଙ୍କ ସଂଗୃହୀତ ଗ୍ରନ୍ଥାବଳୀ ପ୍ରକଳ୍ପ ଇ-ସଂସ୍କାରଣର ସୂକ୍ଷ୍ମମୂଲ୍ୟ ଉପରେ ଗୁରୁତ୍ୱ ଦେଇ ଶ୍ରୀ ଜେଟ୍‌ଲୀ କହିଲେ ଯେ, ଗାନ୍ଧୀଙ୍କ ଦ୍ୱାରା ପ୍ରତିଷ୍ଠିତ ଏବଂ ପ୍ରତିପାଳିତ କେତେକ ଅନୁଷ୍ଠାନ ଏହି ପ୍ରକଳ୍ପ ସହ ଅଙ୍ଗାଙ୍ଗିଭାବେ ଜଡିତ । ସଂପୂର୍ଣ୍ଣ ଗାନ୍ଧୀ ବାଙ୍ଗ୍‌ମୟର ହିନ୍ଦୀ ଭର୍ସନ ମଧ ଖୁବଶୀଘ୍ର ଡିଜିଟାଲ ହେବ ବୋଲି ଶ୍ରୀ ଜେଟ୍‌ଲୀ ଏହି ଅବସରରେ ସୂଚନା ଦେଇଥିଲେ ।

ସେପ୍ଟେମ୍ବର ୨୦୧୧ରେ ପ୍ରକାଶନ ବିଭାଗ ଅହମ୍ମଦାବାଦର ଗୁଜରାଟ ବିଦ୍ୟାପୀଠ ସହ ଏକ ବୁଝାମଣାପତ୍ର ସ୍ୱାକ୍ଷର କରିଥିଲା । ଇଲେକ୍‌ଟ୍ରୋନିକ ଓ୍ୱାର୍କ୍ସ ଅଫ୍ ମହାତ୍ମାଗାନ୍ଧୀ (ସିଡବ୍ଲ୍ୟୁଏମ୍‌ଜି )ର ଇଲୋକ୍ଟ୍ରୋନିକ୍ ସଂସ୍କାରଣ ପ୍ରସ୍ତୁତି ଲାଗି ଏହି ବୁଝାମଣା ଉଦ୍ଦିଷ୍ଟଥିଲା । ଗୁଜରାଟ ବିଦ୍ୟାପୀଠର ପୂର୍ବତନ କୁଳପତି ପ୍ରଫେସର ସୁଦର୍ଶନ ଆୟେଙ୍ଗାର, ସୁଶ୍ରୀ ଦିନାବେନ୍ ପଟେଲ, ସାବରମତୀ ଆଶ୍ରମ ସଂରକ୍ଷଣ ସ୍ମାରକୀ ନ୍ୟାସର ନିର୍ଦ୍ଦେଶକ ତ୍ରିଦିପ ସୁହୃଦଙ୍କ ଭଳି ବିଶିଷ୍ଟ ଗାନ୍ଧୀବାଦୀ ଏହି ପ୍ରକଳ୍ପ ପରିଚାଳନା ଦିଗରେ ଆବଶ୍ୟକ ଧ୍ୟାନ ଦେଇଥିଲେ । ମହାତ୍ମାଗାନ୍ଧୀଙ୍କ ସଂଗୃହୀତ ଗ୍ରନ୍ଥାବଳୀ ପ୍ରକାଶ ବିଭାଗ ଦ୍ୱାରା ୧୯୫୬ ରୁ ୧୯୯୪ ମଧରେ ପ୍ରକାଶିତ ହୋଇଥିଲା । ମହାତ୍ମାଗାନ୍ଧୀ ବିଭିନ୍ନ ସମୟରେ ଦେଇଥିବା ଭାଷଣ, ତାଙ୍କର ଲେଖା ଏଥିରେ ସ୍ଥାନ ପାଇଥିଲା । ୧୮୮୪ ମସିହାରୁ ମହାତ୍ମାଗାନ୍ଧୀଙ୍କ ତିରୋଧାନ ଜାନୁୟାରୀ ୩୦ ୧୯୪୮ ପର୍ଯ୍ୟନ୍ତ ଗ୍ରନ୍ଥାବଳୀରେ ସମସ୍ତ ତଥ୍ୟ ଉପଲବ୍ଧ । ବିଶ୍ୱର ବିଭିନ୍ନ ସ୍ଥାନରେ ଉପଲବ୍ଧ ମହାତ୍ମାଗାନ୍ଧୀଙ୍କ ଲେଖା ଏଥିରେ ସଂଗୃହୀତ ହୋଇଛି ।

YOJANA (Odia) : Monthly October 2015 RNI No. 57203/93
ISSN 0971-8346 Total Number of Pages (76) ₹ 20.00 Annual Subscription : Rupees One Hundred Only


# କେନ୍ଦ୍ରୀୟ ତଥା ରାଜ୍ୟ ସିଭିଲ ସର୍ଭିସ ଆଶାୟୀ ପ୍ରତିଯୋଗୀମାନଙ୍କୁ ଏକ ଆହ୍ୱାନ

ସମ୍ମାନଜନକ ସିଭିଲ ସର୍ଭିସ ଓ ଅନ୍ୟାନ୍ୟ ନିଯୁକ୍ତି ସଂକ୍ରାନ୍ତ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ନିଜ ନିଜକୁ ଉପଯୁକ୍ତ ପ୍ରତିଯୋଗୀ ରୂପେ ଗଢିତୋଳନ୍ତୁ ।

## ଯୋଜନା ପଢନ୍ତୁ ଏବଂ ଜ୍ଞାନ ପରିସର ପରିବ୍ୟାପ୍ତ କରନ୍ତୁ ।

ଯୋଜନା, ଦେଶର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ପ୍ରତି ସମର୍ପିତ, ଜାତୀୟ ତଥା ସାଂପ୍ରତିକ ଜ୍ୱଳନ୍ତ ସମସ୍ୟାବଳୀ, ଅର୍ଥନୈତିକ ଓ ସାମାଜିକ ବିକାଶ, କୃଷି, ଶିଳ୍ପ, ବାଣିଜ୍ୟ, ପରିବହନ, ଯୋଗାଯୋଗ, ଖାଉଟୀସୁରକ୍ଷା, ପରିବେଶ ସଂରକ୍ଷଣ, ପଞ୍ଚାୟତିରାଜ ଏବଂ ଗ୍ରାମ୍ୟ ଉନ୍ନୟନ ବିଷୟ ସାଙ୍ଗକୁ ସାଂସ୍କୃତିକ ତଥା ମହିଳା, ଯୁବ ଓ ଶିଶୁ ବିକାଶ ଇତ୍ୟାଦି ବିଷୟରେ ସୁପ୍ରତିଷ୍ଠିତ ଗବେଷକ ତଥା ବିଶେଷଜ୍ଞମାନଙ୍କ ଦ୍ୱାରା ଲିଖିତ ବିଶ୍ଳେଷଣାତ୍ମକ ପ୍ରବନ୍ଧମାନ ପ୍ରକାଶ କରିଥାଏ । ଯୋଜନା ନିୟମିତ ପଠନ ଦ୍ୱାରା ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷାର୍ଥୀ, ମହାବିଦ୍ୟାଳୟ ତଥା ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ, ଅଧ୍ୟାପକ, ଗବେଷକ, ବୁଦ୍ଧିଜୀବୀ ତଥା ଜ୍ଞାନପିପାସୁ ସାଧାରଣ ପାଠକ ପାଠିକା ଉପକୃତ ହେଉଛନ୍ତି ।

### ଆପଣ ମଧ୍ୟ କାହିଁକି ଉପକୃତ ହେବେ ନାହିଁ ?

ଯୋଜନାର ଗ୍ରାହକ ହୁଅନ୍ତୁ ଏବଂ ନିଯୁକ୍ତି କ୍ଷେତ୍ର ଲାଗି ନିଜକୁ ଉପଯୁକ୍ତ ପ୍ରତିଯୋଗୀ ରୂପେ ଗଢି ତୋଳନ୍ତୁ ।

### ଓଡିଶାରେ ଯୋଜନା ପତ୍ରିକାର ମୁଖ୍ୟ ଏଜେଣ୍ଟ

* ଅକ୍ଷୟ କୁମାର ନାୟକ, ବସଷ୍ଟାଣ୍ଡ ବୁକ୍ ଷ୍ଟଲ, ଭୁବନେଶ୍ୱର –୯ * ମାଧବ ବୁକ୍ ଷ୍ଟୋର, ବାଦାମବାଡି, କଟକ –୯ * ମୂର୍ତ୍ତି ନ୍ୟୁଜ୍ ଏଜେନସୀ, ଓଲ୍ଡ ବସ୍ ଷ୍ଟାଣ୍ଡ, ବ୍ରହ୍ମପୁର, ଗଞ୍ଜାମ * ଶିବ ଶକ୍ତି, ପୁସ୍ତକାଳୟ ସେକ୍ଟର–୨, ବସ୍ଷ୍ଟାଣ୍ଡ, ରାଉରକେଲା । *ଗାୟତ୍ରୀ ଭଣ୍ଡାର, ବସନ୍ତ ବିହାର, ଯୁବଲୀଟାଉନ, ଭାପୁର–ଶଙ୍କରପୁର ରୋଡ, ଢେଙ୍କାନାଳ ଏବଂ ସମସ୍ତ Employment News ବିକ୍ରେତା ।

### "ଯୋଜନା"ର ଗ୍ରାହକ ଦେୟ

* ପ୍ରତି ଖଣ୍ଡ – ୧୦ ଟଙ୍କା, ବାର୍ଷିକ – ୧୦୦ ଟଙ୍କା, ଦ୍ୱିବାର୍ଷିକ – ୧୮୦ ଟଙ୍କା, ତ୍ରୈବାର୍ଷିକ – ୨୫୦ ଟଙ୍କା, ପଡୋଶୀ ଦେଶ : ବାର୍ଷିକ – ୫୩୦ ଟଙ୍କା, ଇଉରୋପ ଓ ଅନ୍ୟାନ୍ୟ ଦେଶ : ବାର୍ଷିକ – ୭୩୦ ଟଙ୍କା ।

### ଗ୍ରାହକ ଦେୟ ପଠାଇବା ଠିକଣା :

**Advertisement & Circulation Manager, YOJANA**
**Publications Division, Min. of I & B,**
**Soochna Bhawan, Room 48-53, CGO Complex, Lodi Road, New Delhi - 110003**
**The subscription may be sent through IPO/MO or Bank Draft in favour of the**
**"Director, Publications Division, Ministry of Information & Broadcasting, New Delhi**


Printed and Published by Dr. (Ms) Sadhana Rout, Additional Director General & Head on behalf of Publications Division, Ministry of I & B, Govt. of India, Published from Soochna Bhawan, CGO Complex, Lodhi Road, New Delhi-110003 and Printed at: J K Offset Printers (P) Ltd, B-278, Okhla Phase -I, New Delhi -110020
Editor : Gopalkrishna Mohapatra